# ଇନ୍‌ଭେଷ୍ଟ ଓଡ଼ିଶା କନ୍‌କ୍ଲେଭ୍‌ରେ ଏନ୍‌ଆଇଏନ୍‌ଏଲ୍




ଭୁବନେଶ୍ୱର,୪।୧୨(ବ୍ୟୁରୋ): ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଥିବା ଇନ୍‌ଭେଷ୍ଟ ଓଡ଼ିଶା କନ୍‌କ୍ଲେଭ୍‌ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଏହାର ପ୍ରବର୍ତ୍ତକ ଏମ୍‌ଏମ୍‌ଟିସି ସହିତ ମିଳିତ ଭାବେ ଅଂଶଗ୍ରହଣ କରିଥିଲା। କନ୍‌କ୍ଲେଭ୍‌ରେ ଏନ୍‌ଆଇଏନ୍‌ଏଲ୍ କମ୍ପାନିର ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲା। ଆଗାମୀ ଦିନରେ କମ୍ପାନି ମୂଲ୍ୟଯୁକ୍ତ ଉତ୍ପାଦ ଉତ୍ପାଦନ ସହ କ୍ୟାପ୍ଟିଭ୍ ଲୁହାପଥର ଖଣିର କାର୍ଯ୍ୟକ୍ଷମ, ୨୫ ମେଗାୱାଟ୍‌ର ସୌର ଶକ୍ତି ପ୍ଲାଣ୍ଟ ସ୍ଥାପନ ପାଇଁ ଲକ୍ଷ୍ୟ ରଖିଛି ବୋଲି ଏନ୍‌ଆଇଏନ୍‌ଏଲ୍ ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏସ୍ ଏସ୍ ମହାନ୍ତି ସୂଚନା ଦେଇଛନ୍ତି। ଏ ଅବସରରେ ଏମ୍‌ଏମ୍‌ଟିସି ମୁଖ୍ୟ ମହାପ୍ରବନ୍ଧକ ଟି କେ ସେନ୍‌ଗୁପ୍ତା ଉପସ୍ଥିତ ଥିଲେ।